ନିମ୍ନୋକ୍ତ ପ୍ରତ୍ୟେକ ପ୍ରଶ୍ନର ଚାରୋଟି ବିକଳ୍ପ ଉତ୍ତର ଦିଆଯାଇଛି। ସେଥିମଧ୍ୟରୁ ଠିକ୍ ଉତ୍ତରଟି ବାଛି OMR ଉତ୍ତର ଫର୍ଦ୍ଦରେ ସମ୍ପୃକ୍ତ ବୃତ୍ତଟିକୁ କେବଳ କଳା / ନୀଳ ବଲ୍ ପଏଣ୍ଟ ପେନ ଦ୍ୱାରା ସଂପୂର୍ଣ୍ଣଭାବେ କଳା / ନୀଳ କର।

Each question has **four** alternative answers. Choose the correct one and darken the appropriate circle on the OMR sheet completely with **Black/Blue** ballpoint pen only.

ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ 1 (ଏକ) ନମ୍ବର।

Each question carries **1 (one)** mark.

ସମସ୍ତ ପ୍ରଶ୍ନର ଉତ୍ତର ଦିଅ।

Answer **all** questions.

ସମୟ : ୧ ଘଣ୍ଟା
Time : 1 Hour

ପୂର୍ଣ୍ଣ ସଂଖ୍ୟା : ୫୦
Full Marks : 50

## କ – ବିଭାଗ (ଇତିହାସ ଓ ରାଜନୀତି ବିଜ୍ଞାନ)
## Section – A (History and Political Science)

1. ଆଜାଦ୍ ହିନ୍ଦ୍ ଫୌଜର ଗିରଫ ହୋଇଥିବା ସୈନିକ ଓ ଅଫିସରମାନଙ୍କୁ ଇଂରେଜ ସରକାର କାହିଁକି ମୁକ୍ତ କରିଦେଲେ ?

(A) ଭାରତୀୟମାନଙ୍କର ବିଶାଳ ବିକ୍ଷୋଭ ପାଇଁ

(B) ଇଂରେଜ ସରକାରଙ୍କର କୋହଳ ମନୋଭାବ ପାଇଁ

(C) ଅଟଲିଙ୍କର ନିର୍ଦ୍ଦେଶ ଅନୁସାରେ

(D) କ୍ୟାବିନେଟ୍ ମିଶନ୍‌ର ପ୍ରସ୍ତାବ ଅନୁସାରେ

Why did the British Government free the arrested soldiers and officers of Azad Hind Fauj ?

(A) Due to massive protest of Indians

(B) Liberal attitude of the British Government

(C) As per the direction of Atlee

(D) As per the proposal of Cabinet Mission

( Turn over )

2. କେଉଁ ମସିହାରେ ଖ୍ରୀଷ୍ଟିଆନ୍ ଧର୍ମ ପ୍ରଚାରକମାନେ କଟକରେ ଏକ ହିତକାରୀ ଦାତବ୍ୟ ବିଦ୍ୟାଳୟ ପ୍ରତିଷ୍ଠା କରିଥିଲେ ?

(A) ୧୮୨୩ (B) ୧୮୨୫ (C) ୧୯୨୧ (D) ୧୯୩୭

When did Christian Missionaries establish a charitable school in Cuttack ?

(A) 1823 (B) 1825 (C) 1921 (D) 1937

3. ଭାଇସ୍‌ରାୟ ଲର୍ଡ କର୍ଜନଙ୍କ ସରକାରରେ କିଏ ଗୃହ ସଚିବ ଥିଲେ ?

(A) ମାରିଆ ମଣ୍ଟେସୋରୀ (B) ହେନେରୀ ରିସ୍‌ଲେ
(C) ଭି. ଡାଭିଡ୍ (D) ଲର୍ଡ କ୍ଲାଇଭ୍

Who was the Home Secretary in the Govt. of Viceroy Lord Curzon ?

(A) Maria Montessori (B) Henry Risley
(C) V. David (D) Lord Clive

4. ମଧୁସୂଦନ ଦାସ କାହିଁକି ସିମ୍ଲାଠାରେ ଭାରତର ବଡ଼ଲାଟ ଲର୍ଡ କର୍ଜନ୍‌ଙ୍କୁ ସାକ୍ଷାତ କରିଥିଲେ ?

(A) ଓଡ଼ିଆ ଜାତିର ସମସ୍ୟାକୁ ଉପସ୍ଥାପିତ କରିବା ପାଇଁ
(B) ଶିକ୍ଷା ଗ୍ରହଣ ପାଇଁ ଲଣ୍ଡନ ଯିବା ନିମନ୍ତେ
(C) ବିଚାରପତି ଆସନରେ ନିଯୁକ୍ତି ନିମନ୍ତେ
(D) ବଙ୍ଗ ବିଭାଜନ ପାଇଁ

Why did Madhusudan Das meet Lord Curzon, Viceroy of India at Simla ?

(A) To highlight the issue of Odias (B) To travel London for education
(C) To be appointed as a judge (D) For partition of Bengal

5. ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ମୁଖ୍ୟ ବିନ୍ଧାଣୀ କିଏ ଥିଲେ ?

(A) ବିଜୁ ପଟ୍ଟନାୟକ (B) ଉତ୍କଳମଣି ଗୋପବନ୍ଧୁ ଦାସ
(C) ନୀଳମଣି ରାଉତରାୟ (D) ଉତ୍କଳଗୌରବ ମଧୁସୂଦନ ଦାସ

Who was the chief architect of separate province of Odisha ?

(A) Biju Pattnaik (B) Utkal Mani Gopabandhu Das
(C) Nilmani Routrey (D) Utkal Gourav Madhusudan Das

6. RNIASE ର ପୂରା ନାମ ଲେଖ ।

(A) ରାଧାନାଥ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଆଡ୍‌ଭାନ୍ସଡ ଷ୍ଟଡିଜ୍ ଇନ୍ ଏଡୁକେଶନ୍

(B) ରାଧାନାଥ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଆଡ୍‌ଭାନ୍ସଡ ଷ୍ଟଡି ଇନ୍ ଇକୋନୋମିକ୍ସ

(C) ରାମନାଥ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଆଡ୍‌ଭାନ୍ସଡ ଷ୍ଟଡି ଇନ୍ ଇଲେକ୍ଟ୍ରୋନିକ୍ସ

(D) ରାଧାନାଥ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଆଡ୍‌ଭାନ୍ସଡ ଷ୍ଟଡି ଇନ୍ ଇଂଲିଶ୍

Write the full form of RNIASE.

(A) Radhanath Institute of Advanced Studies in Education

(B) Radhanath Institute of Advanced Study in Economics

(C) Ramnath Institute of Advanced Study in Electronics

(D) Radhanath Institute of Advanced Study in English

7. ନିମ୍ନୋକ୍ତ କେଉଁ ସ୍ଥାନରେ ଫଳଚାଷ ପାଇଁ କେନ୍ଦ୍ରମାନ ପ୍ରତିଷ୍ଠା କରାଯାଇଥିଲା ?

(A) ରାଉରକେଲା (B) କଟକ (C) ପୁରୀ (D) ଅନୁଗୁଳ

In which of the following places, centres have been established for cultivation of fruits ?

(A) Rourkela (B) Cuttack (C) Puri (D) Angul

8. ଓଡ଼ିଶାରେ ଦୁଇଟି ଆଲୁମିନିୟମ୍ ପ୍ରକଳ୍ପ ପ୍ରତିଷ୍ଠାର ପ୍ରମୁଖ କାରଣ କ'ଣ ?

(A) ମାଙ୍ଗାନିଜ୍‌ର ସନ୍ଧାନ (B) ବକ୍ସାଇଟ୍‌ର ସନ୍ଧାନ

(C) କୋଇଲାର ସନ୍ଧାନ (D) ଚୂନପଥରର ସନ୍ଧାନ

What is the chief reason of establishing two Aluminium projects in Odisha ?

(A) Discovery of manganese (B) Discovery of bauxite

(C) Discovery of coal (D) Discovery of limestone

9. 'ରାଜୀବଗାନ୍ଧୀ ଗ୍ରାମିଣ ବିଦ୍ୟୁତକରଣ ଯୋଜନା' କେବେଠାରୁ କାର୍ଯ୍ୟକାରୀ ହୋଇଛି ?

(A) ୧୯୯୫ (B) ୧୯୯୬ (C) ୨୦୦୬ (D) ୨୦୦୭

Since when 'Rajiv Gandhi Rural Electrification Scheme' is functioning ?

(A) 1995 (B) 1996 (C) 2006 (D) 2007

10. ଭାରତରେ କେଉଁ ମସିହାରେ 'ରାଜ୍ୟ ପୁନର୍ଗଠନ ଆୟୋଗ' ଗଠିତ ହେଲା ?

(A) ୧୯୪୭ (B) ୧୯୫୦ (C) ୧୯୫୬ (D) ୧୯୫୭

In which year was State Reorganisation Commission established in India ?

(A) 1947 (B) 1950 (C) 1956 (D) 1957

11. ଗାନ୍ଧିଜୀ କେଉଁ ବର୍ଷ ଆଇନ୍ ଶିକ୍ଷା ସମାପ୍ତ କରିଥିଲେ ?

(A) ୧୮୮୮ (B) ୧୮୯୧ (C) ୧୮୯୦ (D) ୧୯୫୦

In which year did Gandhiji pass law ?

(A) 1888 (B) 1891 (C) 1890 (D) 1950

12. ମହାତ୍ମା ଗାନ୍ଧୀ କାହିଁକି ଖିଲାଫତ୍ ଆନ୍ଦୋଳନକୁ ସମର୍ଥନ କରିଥିଲେ ?

(A) ହିନ୍ଦୁ ଓ ମୁସଲମାନ ମାନଙ୍କୁ ଏକତ୍ର କରିବା ପାଇଁ

(B) ଜାତୀୟ ଆନ୍ଦୋଳନର ଭିତ୍ତିଭୂମିକୁ ଦୃଢ଼ କରିବା ପାଇଁ

(C) ହିନ୍ଦୁ ଓ ମୁସଲମାନ ମାନଙ୍କୁ ଏକତ୍ର କରିବା ସହିତ ଜାତୀୟ ଆନ୍ଦୋଳନର ଭିତ୍ତିଭୂମିକୁ ଦୃଢ଼ କରିବା ପାଇଁ

(D) ଇଂରେଜ ସରକାରକୁ ବର୍ଜନ ଓ ଅସହଯୋଗ କରିବା ପାଇଁ

Why did Mahatma Gandhi support Khilafat Movement ?

(A) To bring Hindus and Muslims together

(B) To strengthen the foundation of National movement

(C) To bring Hindus and Muslims together and strengthen the foundation National movement

(D) To boycott and non-cooperate the British Government

13. ଗାନ୍ଧିଜୀ କାହିଁକି ବ୍ୟକ୍ତିଗତ ଆଇନ୍ ଅମାନ୍ୟ ଆନ୍ଦୋଳନ ପାଇଁ ଆହ୍ୱାନ ଦେଲେ ?

(A) ହିଂସାତ୍ମକ କାର୍ଯ୍ୟର ଆଶଙ୍କା କରି (B) ଅସହଯୋଗର ଆଶଙ୍କା କରି

(C) ଅମାନୁଷିକ ଅତ୍ୟାଚାରର ଆଶଙ୍କା କରି (D) ଲାଠି ପ୍ରହାରର ଆଶଙ୍କା କରି

Why did Gandhiji call for Individual Civil Disobedience Movement ?

(A) Apprehending violent acts (B) Apprehending non-cooperation

(C) Apprehending inhuman torture (D) Apprehending Lathi charge

14. କେବେ ଫରାସୀ ବିପ୍ଳବ ଆରମ୍ଭ ହୋଇଥିଲା ?

(A) ୧୭୯୦ (B) ୧୭୮୦ (C) ୧୭୯୧ (D) ୧୭୮୯

When did the French Revolution begin ?

(A) 1790 (B) 1780 (C) 1791 (D) 1789

15. ସୁଭାଷ ଚନ୍ଦ୍ର ବୋଷଙ୍କ ପୂର୍ବରୁ କିଏ ଆଜାଦ୍ ହିନ୍ଦ୍ ଫୌଜର ନେତୃତ୍ୱ ନେଇଥିଲେ ?

(A) ମହାତ୍ମା ଗାନ୍ଧୀ (B) ଜବାହାରଲାଲ୍ ନେହେରୁ

(C) ମୋହନ ସିଂହ (D) ଲକ୍ଷ୍ମୀ ସେହଗଲ

Who led Azad Hind Fauj before Subhash Chandra Bose ?

(A) Mahatma Gandhi (B) Jawaharlal Nehru

(C) Mohan Singh (D) Laxmi Sehgal

16. ଆମ ଦେଶରେ କିଏ ସାର୍ବଭୌମ କ୍ଷମତାର ଅଧିକାରୀ ?

(A) ଭାରତର ଜନସାଧାରଣ (B) ଭାରତର ରାଜନୈତିକ ନେତାମାନେ

(C) ଭାରତର ନ୍ୟାୟାଧୀଶମାନେ (D) ଭାରତର ଶିଳ୍ପପତିମାନେ

Who possess the sovereign power in our country ?

(A) People of India (B) Political leaders of India

(C) Judges of India (D) Industrialists of India

17. ନିର୍ବାଚନ ମୁଖ୍ୟତଃ କେତେ ପ୍ରକାର ?

(A) ୫ ପ୍ରକାର (B) ୩ ପ୍ରକାର (C) ୨ ପ୍ରକାର (D) ୧ ପ୍ରକାର

How many types of election are there ?

(A) 5 types (B) 3 types (C) 2 types (D) 1 type

18. ଗାଡ଼ି ଚଳାଇବା ସମୟରେ ମୋବାଇଲ୍ ଫୋନ୍ ବ୍ୟବହାର ବିପଦପୂର୍ଣ୍ଣ କାହିଁକି ?

(A) ଏକାଗ୍ରତା ବୃଦ୍ଧି (B) ଦୃଷ୍ଟିଶକ୍ତି ହ୍ରାସ

(C) ଏକାଗ୍ରତା ଭଙ୍ଗ (D) ଇନ୍ଧନ ବ୍ୟବହାର ବୃଦ୍ଧି

## ଖ – ବିଭାଗ ( ଭୂଗୋଳ ଓ ଅର୍ଥନୀତି )

## Section – B ( Geography and Economics )

26. ଇନ୍ଦିରା ଗାନ୍ଧୀ କେନାଲ୍ ଦ୍ୱାରା କେଉଁ ରାଜ୍ୟ ଉପକୃତ ହେଉଛି ?

(A) ପଶ୍ଚିମବଙ୍ଗ (B) ହିମାଚଳ ପ୍ରଦେଶ

(C) ରାଜସ୍ଥାନ (D) ହରିୟାଣା

Which state is being benefitted due to Indira Gandhi Canal ?

(A) West Bengal (B) Himachal Pradesh

(C) Rajasthan (D) Haryana

27. ନିମ୍ନୋକ୍ତ କେଉଁ ରାଜ୍ୟରେ ଝରଣା ଜଳକୁ ବାଉଁଶ ନଳୀ ସାହାଯ୍ୟରେ ସଂଗ୍ରହ କରାଯାଇଥାଏ ?

(A) ମେଘାଳୟ (B) ମିଜୋରାମ (C) ଓଡ଼ିଶା (D) ଛତିଶଗଡ଼

In which of the following states is the stream water being collected through bamboo pipe ?

(A) Meghalaya (B) Mizoram (C) Odisha (D) Chhattisgarh

28. କେଉଁ ଲୁହାପଥର ବିଦ୍ୟୁତ୍ ଶିଳ୍ପରେ ବ୍ୟବହୃତ ହୋଇଥାଏ ?

(A) ହେମାଟାଇଟ୍ (B) ମାଗ୍ନେଟାଇଟ୍ (C) ଲିମୋନାଇଟ୍ (D) ସାଇଡେରାଇଟ୍

Which iron ore is used in electrical industry ?

(A) Haematite (B) Magnetite (C) Limonite (D) Siderite

29. ରାଣୀଗଞ୍ଜ : ପଶ୍ଚିମବଙ୍ଗ : : ସିଙ୍ଗ୍ରଉଲି : ............

(A) ଝାଡ଼ଖଣ୍ଡ (B) ମଧ୍ୟ ପ୍ରଦେଶ (C) ଓଡ଼ିଶା (D) ବିହାର

Raniganj : West Bengal : : Singrauli : ..............

(A) Jharkhand (B) Madhya Pradesh

(C) Odisha (D) Bihar

30. ପବନଶକ୍ତି ସୃଷ୍ଟିପାଇଁ ପବନର ବେଗ ଅତି କମ୍‌ରେ କେତେ ହେବା ଆବଶ୍ୟକ ?

(A) ୫ କିମି/ଘଣ୍ଟା (B) ୧୦ କିମି/ଘଣ୍ଟା (C) ୧୧ କିମି/ଘଣ୍ଟା (D) ୧୫ କିମି/ଘ

What is the minimum speed of wind to generate wind energy ?

(A) 5 km/hr (B) 10 km/hr (C) 11 km/hr (D) 15 km/hr

What is the term used for maintaining balance between necessity of the resource utilisation and conserving the same for future generation ?

(A) Sustainable development (B) Conservation of Bio-diversity

(C) Wildlife conservation (D) Qualitative development

37. ଜାତୀୟ ଅରଣ୍ୟ ନୀତି ଅନୁସାରେ ଦେଶର ଶତକଡ଼ା କେତେ ଭାଗ ଭୂମିରେ ଅରଣ୍ୟ ରହିବା ଆବଶ୍ୟକ ?

(A) ୩୦ ଭାଗ (B) ୪୨ ଭାଗ (C) ୩୩ ଭାଗ (D) ୪୪ ଭାଗ

As per the National Forest Act, what percentage of country's land should be under forest cover ?

(A) 30 per cent (B) 42 per cent (C) 33 per cent (D) 44 per cent

38. ଭାରତର ଶୁଷ୍କ ଓ ଅର୍ଦ୍ଧଶୁଷ୍କ ଅଞ୍ଚଳରେ କେଉଁ ମୃତ୍ତିକା ଦେଖାଯାଏ ?

(A) ପାର୍ବତ୍ୟ ମୃତ୍ତିକା (B) ମରୁସ୍ଥଳୀ ମୃତ୍ତିକା (C) କୃଷ୍ଣ ମୃତ୍ତିକା (D) ଅରଣ୍ୟ ମୃତ୍ତିକା

Which type of soil is found in arid and semi-arid regions of India ?

(A) Mountain soil (B) Desert soil (C) Black soil (D) Forest soil

39. ଭାରତରେ ବାର୍ଷିକ ହାରାହାରି ୨୫୦ ସେ.ମି.ରୁ ଅଧିକ ବୃଷ୍ଟିପାତ ଅଞ୍ଚଳରେ କେଉଁ ଅରଣ୍ୟ ଦେଖାଯାଏ ?

(A) ଜୁଆରିଆ ଅରଣ୍ୟ (B) ପର୍ଣ୍ଣମୋଚୀ ଅରଣ୍ୟ

(C) ଅର୍ଦ୍ଧ-ଚିରହରିତ୍ ଅରଣ୍ୟ (D) ଚିରହରିତ୍ ଅରଣ୍ୟ

Which type of forest is seen in the regions with average annual rainfall of more than 250 cm in India ?

(A) Tidal forest (B) Deciduous forest

(C) Semi-evergreen forest (D) Evergreen forest

40. ପ୍ରାୟ ୫୦ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କୌଣସି ଜୀବ ଜାତି ଦୃଶ୍ୟମାନ ନ ହେଲେ ତାକୁ କ'ଣ କୁହାଯାଏ ?

(A) ବିପଦ ପ୍ରବଣ ଜାତି (B) ଦୁର୍ଲଭ ଜାତି

(C) ବିପଦଗ୍ରସ୍ତ ଜାତି (D) ବିଲୁପ୍ତ ଜାତି

What term is used for any species those are not seen over the last 50 years ?

(A) Vulnerable species (B) Rare species

(C) Endangered species (D) Extinct species

31. କେଉଁଟି ଦେଶର ସର୍ବପ୍ରଥମ ସମ୍ବାଦ ପତ୍ର ?

(A) ଦୈନିକ ସମାଚାର (B) ସମାଜ (C) ମୁମ୍ବାଇ ସମାଚାର (D) ଦି ହିନ୍ଦୁ

Which one is the first newspaper in India ?

(A) Dainik Samachar (B) Samaj

(C) Mumbai Samachar (D) The Hindu

32. ବିଜୁଳି ଓ ଘଡଘଡି କେଉଁ ମେଘସହ ସମ୍ପର୍କିତ ?

(A) ଅଲକ ମେଘ (B) କୁମ୍ଭପୁଞ୍ଜ ମେଘ (C) ସ୍ତର ମେଘ (D) ସ୍ତରପୁଞ୍ଜ ମେଘ

With which cloud are the lightning and thunder associated ?

(A) Cirrous cloud (B) Cumulonimbus cloud

(C) Stratified cloud (D) Stratocumulous cloud

33. ୨୦୧୯ ମସିହାର 'ଫନି' ବାତ୍ୟା କେଉଁ ଜିଲ୍ଲାକୁ ବିଶେଷ ଭାବେ ପ୍ରଭାବିତ କରିଥିଲା ?

(A) ଗଞ୍ଜାମ (B) କୋରାପୁଟ (C) ଜଗତସିଂହପୁର (D) ପୁରୀ

Which district was mostly affected by cyclone 'Fani' in 2019 ?

(A) Ganjam (B) Koraput (C) Jagatsinghpur (D) Puri

34. କେଉଁ ମସିହାରେ ଭାରତ ବିଶ୍ୱ ବାଣିଜ୍ୟ ସଂଗଠନର ସଦସ୍ୟତା ଲାଭ କଲା ?

(A) ୧୯୯୫ (B) ୧୯୯୬ (C) ୧୯୯୭ (D) ୧୯୯୮

In which year did India become a member of World Trade Organisation ?

(A) 1995 (B) 1996 (C) 1997 (D) 1998

35. ସମୁହ ଚାହିଦା ମୋଟ୍ ଯୋଗାଣ ଠାରୁ ଅଧିକ ହେଲେ କେଉଁ ପ୍ରକାର ମୁଦ୍ରାସ୍ଫୀତି ଦେଖାଦିଏ ?

(A) ଯୋଗାଣ-ଅଭିଘାତ (B) ସାଧାରଣ (C) ମୂଲ୍ୟ ପ୍ରଣୋଦିତ (D) ଚାହିଦା ଆକର୍ଷଣ

Which type of inflation does occur when total demand surpasses total supply ?

(A) Supply-shock (B) Normal (C) Cost-push (D) Demand-pull

36. ସମ୍ପଦ ବିନିଯୋଗର ଆବଶ୍ୟକତାସହ ଆଗାମୀ ବଂଶଧରଙ୍କପାଇଁ ସେଗୁଡ଼ିକର ସଂରକ୍ଷଣ ମଧ୍ୟରେ ସନ୍ତୁଳନ ରକ୍ଷା କରିବାକୁ କ'ଣ କୁହାଯାଏ ?

(A) ଧାରଣୀୟ ବିକାଶ (B) ଜୈବ ବିବିଧତାର ସଂରକ୍ଷଣ

(C) ବନ୍ୟଜନ୍ତୁ ସଂରକ୍ଷଣ (D) ଗୁଣାତ୍ମକ ବିକାଶ

0445610

Which among the following is a characteristic of agro-based industries ?

(A) Minerals are used as raw material

(B) Located only in big cities

(C) Dependent on agricultural products

(D) Requires only skilled labourers

49. ଗୋଟିଏ ଟନ୍ ଆଲୁମିନିୟମ୍ ଉତ୍ପାଦନ କରିବା ପାଇଁ ଅନ୍ତତଃ ପକ୍ଷେ କେତେ ବକ୍ସାଇଟ୍ ଆବଶ୍ୟକ ?

(A) ୪ ଟନ୍ (B) ୬ ଟନ୍ (C) ୭ ଟନ୍ (D) ୮ ଟନ୍

What is the minimum amount of bauxite required to produce one ton of aluminium ?

(A) 5 ton (B) 6 ton (C) 7 ton (D) 8 ton

50. ଉତ୍ତର-ଦକ୍ଷିଣ ଅଳିନ୍ଦ କେଉଁ ଦୁଇଟି ସହରକୁ ସଂଯୋଗ କରୁଛି ?

(A) ଶ୍ରୀନଗର-କନ୍ୟାକୁମାରୀ (B) ଅମୃତସର-କନ୍ୟାକୁମାରୀ

(C) ଦିଲ୍ଲୀ-କନ୍ୟାକୁମାରୀ (D) ଦିଲ୍ଲୀ-କୋଏମ୍ବାଟୁର୍

Which two cities are connected by North-South corridor ?

(A) Srinagar-Kanyakumari (B) Amritsar-Kanyakumari

(C) Delhi-Kanyakumari (D) Delhi-Coimbatore

0445610

45. ଷ୍ଟାର୍ଟଅପ୍ ପ୍ରକଳ୍ପଗୁଡ଼ିକ ପାଇଁ ପ୍ରଥମ କେତେ ବର୍ଷର ଲାଭ ଉପରେ ଟିକସ ଛାଡ଼ ବ୍ୟବସ୍ଥା କରାଯାଇଛି ?

(A) ଏକ ବର୍ଷ (B) ଦୁଇ ବର୍ଷ (C) ତିନି ବର୍ଷ (D) ଚାରି ବର୍ଷ

For how many initial years is there the provision of tax exemption against profit for start-ups ?

(A) One year (B) Two years (C) Three years (D) Four years

46. ଅଧିକ ଅମଳକ୍ଷମ ବିହନ, ରାସାୟନିକ ସାର ଓ କୀଟନାଶକ ଔଷଧ ବ୍ୟବହାର କରି ଅଧିକ ଅର୍ଥ ଉତ୍ପାଦନ କରିବା କେଉଁ ପ୍ରକାର କୃଷିର ଉଦ୍ଦେଶ୍ୟ ?

(A) ପ୍ରୟୋଜନଭିତ୍ତିକ (B) ସ୍ଥାନାନ୍ତରିତ (C) ବାଣିଜ୍ୟିକ (D) ବ୍ୟାପକ

Generating more income by using high yielding variety of seeds, chemical fertilisers and pesticides is the purpose of which type of farming ?

(A) Subsistence (B) Shifting

(C) Commercial (D) Extensive

47. ଭାରତୀୟ ଉଦ୍ୟୋଗ ପୁଞ୍ଜ ସ୍କିମ୍ ମାଧ୍ୟମରେ କେଉଁ ଶିଳ୍ପ ବିକାଶ କରାଯାଉଛି ?

(A) ଲୌହ ଇସ୍ପାତ ଶିଳ୍ପ (B) କାର୍ପାସ ଶିଳ୍ପ (C) ବୃହତ୍ ଶିଳ୍ପ (D) କୁଟୀର ଶିଳ୍ପ

Which industry is being developed through the scheme entrepreneurship clusters in India ?

(A) Iron and steel industry (B) Cotton textile industry

(C) Large scale industry (D) Cottage industry

48. ନିମ୍ନୋକ୍ତ କେଉଁଟି କୃଷିଭିତ୍ତିକ ଶିଳ୍ପର ଏକ ଲକ୍ଷଣ ?

(A) ଖଣିଜ ପଦାର୍ଥ କଞ୍ଚାମାଲ ଭାବରେ ବ୍ୟବହୃତ ହୁଏ

(B) କେବଳ ବୃହତ୍ ସହରମାନଙ୍କରେ ଦେଖାଯାଏ

(C) କୃଷି ଉତ୍ପାଦନ ଉପରେ ନିର୍ଭରଶୀଳ

(D) କୁଶଳୀ କାରିଗର ଆବଶ୍ୟକ

# Subject : Social Science (SSC)
## MODEL QUESTION SET – 3
## SUBJECTIVE

ସମୟ : 1 ଘଣ୍ଟା 30 ମିନିଟ୍

ପୂର୍ଣ୍ଣ ସଂଖ୍ୟା : 50

### 'କ' – ବିଭାଗ
### (ଇତିହାସ ଓ ରାଜନୀତି ବିଜ୍ଞାନ)

1. (a) ଥାଇନ୍ ଅମାନ୍ୟ ଆନ୍ଦୋଳନର କାର୍ଯ୍ୟକ୍ରମଗୁଡ଼ିକ ଉଲ୍ଲେଖ କର ।

କିମ୍ବା

ନ'ଅଙ୍କ ଦୁର୍ଭିକ୍ଷ ପରେ ଇଂରେଜମାନଙ୍କ ଦ୍ୱାରା ଓଡ଼ିଶାରେ ଗ୍ରହଣ କରାଯାଇଥିବା ଜନହିତକର କାର୍ଯ୍ୟଗୁଡ଼ିକ ବର୍ଣ୍ଣନା କର । 4

(b) ସ୍ୱାଧୀନତା ପ୍ରାପ୍ତି ବେଳକୁ ଓଡ଼ିଶାରେ ଶିଳ୍ପର ବିକାଶ କ୍ଷେତ୍ରରେ ଥିବା ପ୍ରତିବନ୍ଧକଗୁଡ଼ିକ ବିଷୟରେ ସଂକ୍ଷେପରେ ଲେଖ । 4

କିମ୍ବା

ଦ୍ୱିତୀୟ ପଞ୍ଚବାର୍ଷିକ ଯୋଜନା କେବେ କାର୍ଯ୍ୟକାରୀ ହୋଇଥିଲା ? ଏହାର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟଗୁଡ଼ିକ ଲେଖ ।

(a) ହରେକୃଷ୍ଣ ମହତାବ କେବେ ଓଡ଼ିଶାର ପ୍ରଧାନମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିଥିଲେ ? ତାଙ୍କ ମନ୍ତ୍ରୀମଣ୍ଡଳ ନେଇଥିବା ତିନିଗୋଟି ଉଲ୍ଲେଖନୀୟ କାର୍ଯ୍ୟକ୍ରମ ଗୁଡ଼ିକ କ'ଣ ଥିଲା ? 3

କିମ୍ବା

ଓଡ଼ିଶା ଗଡ଼ଜାତ ପ୍ରଜା ସମ୍ମିଳନୀର ପ୍ରଥମ ଅଧିବେଶ କେବେ ଓ କେଉଁଠାରେ ବସିଥିଲା ? ଏଥିରେ କିଏ ସଭାପତିତ୍ୱ କରିଥିଲେ ?

(b) 'ଓଡ଼ିଶା ସୀମା ନିର୍ଦ୍ଧାରଣ କମିଟି' କେବେ କେଉଁମାନଙ୍କୁ ନେଇ ଗଠନ କରାଯାଇଥିଲା ? ଏହି କମିଟିର ଅଧ୍ୟକ୍ଷ କିଏ ଥିଲେ ? 3

କିମ୍ବା

ପାପଡ଼ାହାଣ୍ଡି ଠାରେ କେବେ ଓ କ'ଣ ପାଇଁ ଗୁଳିକାଣ୍ଡ ହୋଇଥିଲା ? ଏଥିରେ କେତେଜଣ ବ୍ୟକ୍ତି ପ୍ରାଣ ହରାଇଥିଲେ ?

(c) ଇନ୍ଧନ ସଂରକ୍ଷଣ ପାଇଁ ଗାଡ଼ି ଚାଳକମାନେ ସେମାନଙ୍କର କେଉଁ ସବୁ ଅଭ୍ୟାସ ଓ ମନୋଭାବରେ ପରିବର୍ତ୍ତନ ଆଣିବା ଆବଶ୍ୟକ ? 3

କିମ୍ବା

କେଉଁ ପରିସ୍ଥିତିରେ ଆମ ଦେଶରେ ଉପନିର୍ବାଚନ ଓ ମଧ୍ୟବର୍ତ୍ତୀକାଳୀନ ନିର୍ବାଚନ ଅନୁଷ୍ଠିତ ହୋଇଥାଏ ?

(a) ଗାନ୍ଧିଜୀଙ୍କର ରାଜନୈତିକ ଗୁରୁ କିଏ ଥିଲେ ? ସେ ଗାନ୍ଧିଜୀଙ୍କୁ କ'ଣ ପରାମର୍ଶ ଦେଇଥିଲେ ? 2

କିମ୍ବା

ଫକୀର ମୋହନଙ୍କ ସମ୍ପାଦନାରେ କେଉଁଦୁଇଟି ସମ୍ବାଦପତ୍ର ପ୍ରକାଶିତ ହୋଇ ଜାତୀୟ ଭାବନାକୁ ଜାଗ୍ରତ କରିଥିଲା ?

(b) ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ କେଉଁ ଦୁଇଟି କାର୍ଯ୍ୟକୁ ପ୍ରାଧାନ୍ୟ ଦିଆଯାଇଥିଲା ? 2

କିମ୍ବା

ଦ୍ୱିତୀୟ ବିଶ୍ୱଯୁଦ୍ଧର ପରିସମାପ୍ତି କେବେ ହୋଇଥିଲା ? ସେତେବେଳେ ଇଂଲଣ୍ଡର ପ୍ରଧାନ ମନ୍ତ୍ରୀ କିଏ ଥିଲେ ?

(c) ଓଡ଼ିଶାର ଶେଷ ହିନ୍ଦୁରାଜା କିଏ ଥିଲେ ? ସେ କେବେ ଠାରୁ କେତେ ମସିହା ପର୍ଯ୍ୟନ୍ତ ରାଜୁତି କରିଥିଲେ ? 2

କିମ୍ବା

ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ କେବେ ଓ କେଉଁଠାରେ ବସିଥିଲା ? କିଏ ଏଥିରେ ସଭାପତିତ୍ୱ କରିଥିଲେ ?

କିମ୍ବା

ଜାମ୍ମୁକାଶ୍ମୀର ପୁନର୍ଗଠନ ଆଇନ୍ କେବେ ରାଷ୍ଟ୍ରପତିଙ୍କର ଅନୁମୋଦନ ଲାଭ କରିଥିଲା ଓ କେଉଁ ଦୁଇଟି ନୂତନ କେନ୍ଦ୍ରଶାସିତ ଅଞ୍ଚଳ ଗଠନ ହୋଇଥିଲା ?

## 'ଖ' – ବିଭାଗ
## (ଭୂଗୋଳ ଓ ଅର୍ଥନୀତି)

ସମସ୍ତ ପ୍ରଶ୍ନର ଉତ୍ତର ଦିଅ, ପ୍ରତ୍ୟେକ ପାଇଁ 4 ଅଙ୍କ ନିର୍ଦ୍ଧାରିତ : 4×2 = 8

(a) ସମ୍ପଳ ସଂରକ୍ଷଣ କହିଲେ କ'ଣ ବୁଝ ? ଏହାର ଉଦ୍ଦେଶ୍ୟ ଓ ଉପାୟଗୁଡ଼ିକ ବିଷୟରେ ଲେଖ ।

କିମ୍ବା

ଭାରତରେ ଦେଖାଯାଉଥିବା କୃଷ୍ଣମୃତ୍ତିକା ସମ୍ପର୍କରେ ଆଲୋଚନା କର ।

(b) ଶିଳ୍ପଜନିତ ପ୍ରଦୂଷଣ କ'ଣ ? ଏହାକୁ କିପରି ରୋକାଯାଇ ପାରିବ ?

କିମ୍ବା

ଗଣ ମାଧ୍ୟମ କାହାକୁ କୁହାଯାଏ ? ଦୁଇଟି ଗଣମାଧ୍ୟମର ଉଦାହରଣ ଦେଇ ସେମାନଙ୍କର ଭୂମିକା ଉଲ୍ଲେଖ କର ।

ସମସ୍ତ ପ୍ରଶ୍ନର ଉତ୍ତର ଦିଅ, ପ୍ରତ୍ୟେକ ପାଇଁ 3 ଅଙ୍କ ନିର୍ଦ୍ଧାରିତ : 3×3 = 9

(a) ତୁମ ଅଞ୍ଚଳରେ ଗ୍ରୀଷ୍ମକାଳରେ ଜଳାଭାବ ସମସ୍ୟାକୁ ଦୂର କରିବା ପାଇଁ ବୃଷ୍ଟିଜଳ ସଂରକ୍ଷଣ ଓ ଜଳର ସଦୁପଯୋଗ ଉପରେ ୩ଟି ପ୍ରାୟୋଗିକ ପଦକ୍ଷେପ ବିଷୟରେ ଲେଖ ।

କିମ୍ବା

ଭାରତର ରେଖାଙ୍କିତ ମାନଚିତ୍ରରେ ଚିହ୍ନିତ ବହୁମୁଖୀ ଯୋଜନାଗୁଡ଼ିକର ନାମ ଲେଖ ।

